# ଅହଂକାରର ନା ଆନ୍ତରିକତାହୀନ?

**ଆମ ଘରର ହାଲଚାଲ**

**ସୌମ୍ୟରଂଜନ ପଟ୍ଟନାୟକ**

ସରକାରଙ୍କର ବିଗତ ଦିନର କେତେଗୁଡ଼ିଏ ନିଷ୍ପତ୍ତି ଓ ବକ୍ତବ୍ୟ ଆମକୁ ଆଜି ଏହି ଆଲୋଚନା କରିବା ପାଇଁ ବାଧ୍ୟ କରୁଛି । କ୍ୟାବିନେଟ ନିଷ୍ପତ୍ତି, ମୁଖ୍ୟ ଶାସନ ସଚିବ ଓ ମନ୍ତ୍ରୀମାନଙ୍କର ବିବୃତି ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ, ସବୁ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ସରକାରଙ୍କର ଆଭିମୁଖ୍ୟ ଓ କାର୍ଯ୍ୟଦକ୍ଷତା ଏଥିରୁ ଜାଣିହୁଏ । କିନ୍ତୁ ଦୁଃଖ ଲାଗେ, ଯେତେବେଳେ ଆମେ ଓଲଟା ଜାଣିବାକୁ ପାଉ ଯେ ଏସବୁ ଲୋକଦେଖାଣିଆ ଏବଂ ସରକାରଙ୍କର ଏଥିରେ ଆଦୌ ଆନ୍ତରିକତା ନାହିଁ । ନବୀନବାବୁ ଖଣି ନିଲାମ ସମ୍ପର୍କରେ ନିଷ୍ପତ୍ତି ନେଲେ । ଭଲ ଭାବରେ ଜାଣିଥିଲେ ଯେ ଅଳ୍ପଦିନ ମଧ୍ୟରେ କେନ୍ଦ୍ର ସରକାର ଏ ନେଇ ଏକ ଅଧ୍ୟାଦେଶ ଆଣୁଛନ୍ତି ; ଅଧ୍ୟାଦେଶ ଆସିଲେ ତାଙ୍କ ନିଷ୍ପତ୍ତିର କୌଣସି ମୂଲ୍ୟ ରହିବ ନାହିଁ । ତଥାପି ବାଃ ବାଃ ନେବା ପାଇଁ ତାହାକୁ ସେ ବିଜ୍ଞାପିତ କଲେ । ଅବଶ୍ୟ ସରକାରଙ୍କର ନିଷ୍ପତ୍ତିକୁ ଓଡ଼ିଶା ହାଇକୋର୍ଟ ସ୍ଥଗିତ ରଖିବା ପାଇଁ ଆଜି ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ସରକାରଙ୍କର ଅଧ୍ୟାଦେଶ ମଧ୍ୟ ଅନୁରୂପ ଭାବେ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖୁଛି ।

ପୁଣି ସରକାରଙ୍କ ତରଫରୁ ହଠାତ୍ ଅର୍ଥମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ପ୍ରଚାର କରାଇଲେ ଯେ ଚିଟ୍‌ଫଣ୍ଡ ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କର ଟଙ୍କା ଫେରସ୍ତ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ଏହା ଯେ ସମ୍ପୂର୍ଣ୍ଣ ମିଥ୍ୟା ଓ ଜମାକାରୀଙ୍କୁ ଭୁଲେଇବା ପାଇଁ ଉଦ୍ଦିଷ୍ଟ ଥିଲା, ତାହା ପରଦିନ ଜଷ୍ଟିସ୍ ପାତ୍ରଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଗଲା । ଲକ୍ଷ୍ୟ କରିବାର କଥା, ଯେଉଁଦିନ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ଏଭଳି ବିବୃତି ଦେଉଥିଲେ, ସେହିଦିନ ସିବିଆଇ ଚିଟ୍‌ଫଣ୍ଡ ମାମଲାରେ ବିଜେଡି ସାଂସଦଙ୍କୁ ଜେରା କରୁଥିଲା । ସରକାରଙ୍କର ଏଭଳି ବିବୃତି ପଛରେ ଅସଲ ଉଦ୍ଦେଶ୍ୟ କ'ଣ ଥିଲା, ବୁଝିବାକୁ ବେଶି କଷ୍ଟ କରିବାକୁ ପଡ଼ିବ ନାହିଁ ।

ଏହିପରି ଦେଖିବାକୁ ଗଲେ ସରକାରଙ୍କର ଅଧିକାଂଶ କାର୍ଯ୍ୟକ୍ରମ ଓ ନିଷ୍ପତ୍ତି ଅତ୍ୟନ୍ତ ଆନ୍ତରିକତାହୀନ ଏବଂ 'ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି' ଭଳି ଲୁକ୍କାୟିତ ଉଦ୍ଦେଶ୍ୟ ସାଧନ ପାଇଁ ଉଦ୍ଦିଷ୍ଟ ।

ଏ ବାବଦରେ ଆଉ ଏକ ସ୍ପର୍ଶକାତର ଦୃଷ୍ଟାନ୍ତ ହେଲା, ସୁଦୂର କେନ୍ଦୁଝର ଜିଲ୍ଲାର ବସନ୍ତପୁର ପଞ୍ଚାୟତରେ ମୁଣ୍ଡ ଟେକୁଥିବା ଜନଆନ୍ଦୋଳନ ଏବଂ ସେ ନେଇ ସରକାରଙ୍କର ପ୍ରତିକ୍ରିୟା । ବୈତରଣୀ ନଦୀ କୂଳର ଏହି ପଞ୍ଚାୟତର ଗ୍ରାମବାସୀମାନେ ଆଜି ବ୍ୟସ୍ତ, ବିବ୍ରତ ଯେ ଏସାର୍ କମ୍ପାନି ଶିଳ୍ପ ନାଁରେ ନଦୀ ଗର୍ଭରୁ ମାତ୍ରାଧିକ ଜଳ ନିଜ ବ୍ୟବହାର ପାଇଁ ନେଇ ଯାଉଛି । ସେମାନେ ଆଶଙ୍କା କରୁଛନ୍ତି, ଏହା ଅବାରିତ ଭାବେ ଘଟିଚାଲିଲେ ସେମାନଙ୍କର ଜୀବନ-ଜୀବିକା ଓ ପରିବେଶ ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡ଼ିବ । ସେଥିପାଇଁ ସେମାନେ ଆନ୍ଦୋଳନ କରୁଛନ୍ତି । ସରକାର ତା'ର ଜବାବରେ ୧୪୪ ଧାରା ଜାରି କରି ଏକପ୍ଲାଟୁନ୍ ପୁଲିସ ମୁତୟନ କରିଛନ୍ତି । ଆଦିବାସୀବହୁଳ ସୁଦୂର ବସନ୍ତପୁରରେ, ରାଜଧାନୀବାସୀଙ୍କ ଅଲକ୍ଷ୍ୟରେ ଏଭଳି ଏକ ଘଟଣା ଘଟିଥିବାରୁ ହୁଏତ ଆମେ ଏହାର ଗୁରୁତ୍ୱ ବୁଝିପାରୁ ନାହୁଁ । ଘଟଣାଟି ଛୋଟ ହେଲେ ମଧ୍ୟ ପୋସ୍କୋ ଓ ଟାଟା ଷ୍ଟିଲକୁ ନେଇ ଡିଙ୍କିଆ ଓ କଳିଙ୍ଗନଗରରେ ଘଟିଥିବା ଘଟଣାଠାରୁ କୌଣସି ଗୁଣରେ କମ୍ ନୁହେଁ ।

ପ୍ରସଙ୍ଗଟି ହେଲା, ଓଡ଼ିଶାରେ ଶିଳ୍ପାନୁଷ୍ଠାନ ଗଢ଼ିବା ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପଡ଼ିବ; ଶିଳ୍ପାନୁଷ୍ଠାନ ଗଢ଼ି ଉଠିଲେ ଓଡ଼ିଶାର ସାମୂହିକ ସ୍ୱାର୍ଥ ସାଧିତ ହେବ; ସରକାର ଶିଳ୍ପାନୁଷ୍ଠାନଗୁଡ଼ିକୁ ପ୍ରୋତ୍ସାହିତ କରିବା ଦରକାର । ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପାଇଁ ଅନ୍ୟାନ୍ୟ ସୁବିଧା ସୁଯୋଗ ସହିତ ପାଣି ମଧ୍ୟ ନିହାତି ଆବଶ୍ୟକ । ନଦନଦୀଭରା ଓଡ଼ିଶାରେ ଜଳସମ୍ପଦର ଅଭାବ ନାହିଁ ବୋଲି ଆମର ଗୋଟିଏ ଧାରଣା ଅଛି । ତେବେ ଅନ୍ୟାନ୍ୟ ଅଭାବ ପରି ଜଳର ଅଭାବ ଯେ ଏକ ବିରାଟ ସମସ୍ୟା ହୋଇ ଦେଖାଦେବ ଏ ସମ୍ପର୍କରେ ଊଣା ଅଧିକେ ସମସ୍ତେ ଚେତିଲେଣି । ୧୦-୨୦ ବର୍ଷ ତଳେ ଯାହା ଆଦୌ ଏକ ପ୍ରସଙ୍ଗ ହିଁ ନଥିଲା, ଏବେ ତାହା ସବୁଆଡ଼େ ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇ ମୁଣ୍ଡ ଟେକୁଛି । ଏପରିକି ଅନେକ ଚିନ୍ତାଶୀଳ ବ୍ୟକ୍ତି ତୃତୀୟ ବିଶ୍ୱଯୁଦ୍ଧ ପାଣି ପାଇଁ ଲଢ଼ା ହେବ ବୋଲି ଭବିଷ୍ୟବାଣୀ କଲେଣି । ସ୍ୱାଭାବିକ ଭାବରେ ଜଳନୀତିକୁ ନେଇ ସାରା ବିଶ୍ୱରେ ସଚେତନତା ବଢ଼ିବାରେ ଲାଗିଛି । ଜଳର ସଂରକ୍ଷଣ ଓ ଆବଣ୍ଟନ କିପରି ହେବ ଏବଂ ଏହା ଯେପରି ପ୍ରଦୂଷଣ ଓ ଶୋଷଣମୁକ୍ତ ରହିବ ସେ ନେଇ ଦାବି ହେଉଛି । ଓଡ଼ିଶା ସରକାର ମଧ୍ୟ ଜଳ ସମ୍ପଦ ବିଭାଗ ଜରିଆରେ ତାଙ୍କର ଜଳନୀତି ଘୋଷଣା କରିଛନ୍ତି । ସେଥିରେ ଅଗ୍ରାଧିକାର ଭିତ୍ତିରେ ଜଳ ଆବଣ୍ଟନର ନିୟମ ଘୋଷଣା କରାଯାଇଛି । 'ଜଳ ହିଁ ଜୀବନ' ନ୍ୟାୟରେ ପ୍ରଥମେ ବ୍ୟକ୍ତିଗତ ବ୍ୟବହାର, ଦ୍ୱିତୀୟରେ ପରିବେଶ ଓ ଜୀବଜନ୍ତୁମାନଙ୍କର ସନ୍ତୁଳନ, ତୃତୀୟରେ କୃଷି ପାଇଁ ଜଳସେଚନ, ଚତୁର୍ଥରେ ଜଳବିଦ୍ୟୁତ୍ ଉତ୍ପାଦନ, ପଞ୍ଚମରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ଏବଂ ଷଷ୍ଠରେ ଜଳକ୍ରୀଡ଼ା ଓ ଅବସର ବିନୋଦନ ପାଇଁ ଜଳର ଆନୁପାତିକ ଆବଣ୍ଟନ କରାଯାଇ ପାରିବ । ଶିଳ୍ପାନୁଷ୍ଠାନ ପାଇଁ କେତେ ଓ କେଉଁ ସର୍ତ୍ତରେ ଜଳ ଆବଣ୍ଟିତ ହେବ ତାହା ମଧ୍ୟ ନିର୍ଦ୍ଦିଷ୍ଟ ଭାବେ ଜଳନୀତିରେ ଉଲ୍ଲେଖ ରହିଛି ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଗଢ଼ି ଉଠୁଥିବା ଶିଳ୍ପାନୁଷ୍ଠାନଗୁଡ଼ିକର ଜଳର ଚାହିଦା ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି କରିଛି । ନଦୀକୂଳବର୍ତ୍ତୀ ଗ୍ରାମବାସୀମାନେ ଶିଳ୍ପାନୁଷ୍ଠାନଗୁଡ଼ିକ ଦ୍ୱାରା ନଦୀଜଳର ବ୍ୟବହାରକୁ ସ୍ୱାଭାବିକ ଭାବରେ ବିରୋଧ କରୁଛନ୍ତି । ସରକାର ଏ ପ୍ରକାରର ବିରୋଧାଭାସକୁ ଦୂର କରିବା ପାଇଁ ନଦୀ ଅବବାହିକା ସଂଗଠନ ଗଠନ କରିଛନ୍ତି । ସେଥିରେ ଉଭୟ ସରକାରୀ ଓ ବେସରକାରୀ ସଭ୍ୟମାନେ ରହି ଆଲୋଚନା ମାଧ୍ୟମରେ ଜଳ ଆବଣ୍ଟନ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବା କଥା । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହାହିଁ ପ୍ରକୃତ ବାଟ । ବୈତରଣୀ ନଦୀ ଅବବାହିକା ପାଇଁ ଏଭଳି ଗୋଟିଏ ସଂଗଠନ ଗତ ୨୦୧୦ ସେପ୍ଟେମ୍ବରରୁ ଗଢ଼ା ଯାଇଛି । ବିଡ଼ମ୍ବନାର ବିଷୟ ଏହି ଯେ, ଆଜି ପର୍ଯ୍ୟନ୍ତ ଏହି ସଂଗଠନର ଗୋଟିଏ ହେଲେ ବୈଠକ ବସିପାରି ନାହିଁ । ଅଥଚ ଏସାର୍ କମ୍ପାନିକୁ ଜଳସମ୍ପଦ ବିଭାଗ ବୈତରଣୀ ନଦୀ ଗର୍ଭରେ ବନ୍ଧ ବାନ୍ଧି, କୂଅ ଖୋଳି, ପାଣି ଟାଣି ନେବା ପାଇଁ ଅବାଧ ଅନୁମତି ଦେଇଛି । ଗ୍ରାମବାସୀମାନେ ଅଭିଯୋଗ କଲେ ପୁଲିସ ନାଲିଆଖି ଦେଖାଉଛି ।

ଉପରୋକ୍ତ ତିନିଟି ଉଦାହରଣରୁ ଓଡ଼ିଶାର ଜନସାଧାରଣଙ୍କ ସମସ୍ୟା ପ୍ରତି ସରକାରଙ୍କର ଆନ୍ତରିକତା କେତେ ସ୍ପଷ୍ଟ ଜାଣି ହେଉଛି । ସରକାରଙ୍କର ସବୁ ନିଷ୍ପତ୍ତି କେବଳ ଗୋଟିଏ ଉଦ୍ଦେଶ୍ୟରେ ନିଆଯାଉଛି- ଛବି ନିର୍ମଳ ରହିବ, ଅଡୁଆ ପରିସ୍ଥିତିକୁ ଏଡ଼ାଇ ଯାଇହେବ, ଭୋଟ୍ କିଣି କ୍ଷମତାଲାଭ ସହଜ ହେବ । ଏପରି ଏକ ବ୍ୟବସ୍ଥାକୁ ଅହଂକାରୀ କହିବା ନା ଆନ୍ତରିକତାହୀନ ବୋଲି ବୁଝିବା?